**Roll No.** | | | | | | | |

# DAV PUBLIC SCHOOLS, ODISHA ZONE
# HALF YEARLY EXAMINATION, 2023-24

- Please check that this question paper contains 4 printed pages.
- Check that this question paper contains 10 questions.
- Write down the Serial Number of the question in the left side of the margin before attempting it.

## CLASS – VII
## SUBJECT: LOWER ODIA

**Time Allowed: 3 Hours** **Maximum Marks: 80**

**ସାଧାରଣ ନିର୍ଦ୍ଦେଶାବଳୀ:**

୧. ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବରେ ଲେଖ ।

୨. ଏହି ପ୍ରଶ୍ନ ପତ୍ରରେ (କ, ଖ, ଗ, ଘ) ଭଳି ୪ଟି ବିଭାଗରେ ୧୦ଟି ମୁଦ୍ରିତ ପ୍ରଶ୍ନ ରହିଛି ।

୩. 'କ' ବିଭାଗ : ପଠନ - ୧୦ ଅଙ୍କ

୪. 'ଖ' ବିଭାଗ : ଲିଖନ - ୧୫ ଅଙ୍କ

୫. 'ଗ' ବିଭାଗ : ବ୍ୟାକରଣ - ୨୫ ଅଙ୍କ

୬. 'ଘ' ବିଭାଗ : ସାହିତ୍ୟ - ୩୦ ଅଙ୍କ

## 'କ' ବିଭାଗ (ପଠନ) (୧୦)

୧. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫x୨=୧୦)

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ପ୍ରାୟ । ଜର୍ମାନୀ ଓ ଇଟାଲୀ ମିତ୍ରପକ୍ଷ ନିକଟରେ ଆତ୍ମସମର୍ପଣ କରି ସାରିଥା'ନ୍ତି । କେବଳ ଜାପାନ୍ ଆତ୍ମସମର୍ପଣ କରି ନ ଥାଏ । ପୂର୍ବପଟ ଯୁଦ୍ଧର ପ୍ରଧାନ ସେନାପତି ଥାଆନ୍ତି ଯୁକ୍ତରାଷ୍ଟ୍ର ଆମେରିକାବାସୀ ମାର୍କ ଆର୍ଥର୍ । ସେ ପ୍ରଶାନ୍ତ ମହାସାଗର ବକ୍ଷରେ ଜାହାଜ ମଧ୍ୟରେ ଥାଇ ରେଡ଼ିଓ ମାଧ୍ୟମରେ ଜାପାନ୍‌କୁ ଆତ୍ମସମର୍ପଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ । ଜାପାନ୍ ତ ପରମାଣୁ ବୋମା ସମ୍ବନ୍ଧରେ କୌଣସି କଥା ଜାଣି ନ ଥାଏ । ତେଣୁ ଜାପାନ୍ ସରକାର ମିତ୍ରପକ୍ଷଠାରେ ଆତ୍ମସମର୍ପଣ କରିବାକୁ ମନା କରିଦେଲେ । ତେଣୁ ଜାପାନ୍‌ର ହିରୋସିମା ଓ ନାଗାସାକି ସହର ଉପରକୁ ଆକାଶମାର୍ଗରୁ ପରମାଣୁ ବୋମା ଖସେଇ ଦିଆଗଲା । ଫଳରେ ଏହି ଦୁଇଟି ସହରର ଅଧିକାଂଶ ଭାଗ ଧ୍ୱଂସ ହୋଇଯିବା ସହିତ ବହୁ ବ୍ୟକ୍ତି ରୋଗ ବ୍ୟାଧିରେ ପଡ଼ି ମୃତ୍ୟୁବରଣ କଲେ । ଘରେ ଘରେ ବିକଳାଙ୍ଗ ଶିଶୁ ଜାତ ହେଲେ । ପୃଥିବୀର ଚିନ୍ତାଶୀଳ ଲୋକମାନେ ଜାଣିପାରିଲେ ପରମାଣୁ ବୋମାର

ବ୍ୟବହାର ନିୟନ୍ତ୍ରିତ ନ ହେଲେ ସମଗ୍ର ମାନବ ଜାତି ଧ୍ୱଂସ ପାଇଯିବ । ତେଣୁ ପରମାଣୁ ଶକ୍ତିକୁ ବୋମା ନିର୍ମାଣରେ ବ୍ୟବହାର କରା ନ ଯାଇ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ନିମନ୍ତେ ସ୍ଥିର କରାଗଲା ।

ପ୍ରଶ୍ନାବଳୀ-

(କ) କେଉଁ କେଉଁ ଦେଶ ମିତ୍ରପକ୍ଷ ନିକଟରେ ଆତ୍ମସମର୍ପଣ କରିଥିଲେ ?

(ଖ) ଜାପାନ୍ ଆତ୍ମସମର୍ପଣ କରିବା ପାଇଁ କାହିଁକି ମନା କରିଦେଲା ?

(ଗ) ହିରୋସିମା ଓ ନାଗାସାକି ସହରରେ ଘରେ ଘରେ ବିକଳାଙ୍ଗ ଶିଶୁ ଜନ୍ମ ହେଲେ କାହିଁକି ?

(ଘ) କିଏ ରେଡ଼ିଓ ମାଧ୍ୟମରେ ଜାପାନ୍‌କୁ ଆତ୍ମସମର୍ପଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ ?

(ଙ) ପରମାଣୁ ବୋମାକୁ କିପରି ବ୍ୟବହାର କରାଯିବା ନିମନ୍ତେ ସ୍ଥିର କରାଗଲା ?

## 'ଖ' ବିଭାଗ (ଲିଖନ) (୧୫)

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (୧x୮=୮)

'ବ୍ୟାୟାମର ଉପକାରିତା' କିମ୍ବା 'ବର୍ଷାଋତୁ'

୩. ଗୁରୁଜନଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ ।

କିମ୍ବା (୧x୭=୭)

କୌଣସି ଏକ ପର୍ଯ୍ୟଟନ ସ୍ଥଳର ଅନୁଭୂତି ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ (ବ୍ୟାକରଣ) (୨୫)

୪. (କ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ । (୪x୧=୪)

(i) ମଣ୍ଡୂକ (ii) ଉସ୍ର (iii) ଗୋଟିକା (iv) କରମର୍ଦ୍ଦନ

(ଖ) ବାକ୍ୟଗଠନ କର । (୪x୧=୪)

(i) ଲହୁ-ଲୁହ (ii) ବହିଷ୍କାର (iii) ଆହ୍ୱାନ (iv) ପର ଉପରକୁ କାଦୁଅ ଫିଙ୍ଗିବା

(ଗ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (୨x୧=୨)

(i) ଗରଜି (ii) ତପତ

୫. (କ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (୪x୧=୪)

(i) ନିଶାମୁଖ (ii) ପୃଥିବୀ (iii) ସୂର୍ଯ୍ୟ (iv) ଜନନୀ

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର । (୪x୧=୪)

(i) ମହାରାଜା (ii) ପିତାମହ (iii) ଭିକାରି (iv) ଛାତ୍ର

(ଗ) ଶୂନ୍ୟସ୍ଥାନ ପୂରଣ କର । (୨x୧=୨)

(i) ________ ମସିହାରେ ଗାନ୍ଧିଜୀ ପାରଳାଖେମୁଣ୍ଡି ଆସିଥିଲେ ।

(ii) ବେଳ ଆସିଛି ମାଛି ନ ହୋଇ________ ହେବା ।

୬. (କ) ନିମ୍ନରେ ଦିଆଯାଇଥିବା  ଶବ୍ଦଗୁଡ଼ିକର ରୂପ ପରିବର୍ତ୍ତନ କର । (୩x୧=୩)

(i) ପରିଚୟ (ii) ନିର୍ବାଚନ (iii) ଆମୋଦ

(ଖ) ଯୋଗ କର । (୨x୧=୨)

| (କ) | (ଖ) |
|---|---|
| ଶାରୀରିକ | ବୟସ |
| ଦାୟିତ୍ୱ | ପରିଶ୍ରମ |
| | ଜ୍ଞାନ |

## 'ଘ' ବିଭାଗ (ସାହିତ୍ୟ) (୩୦)

୭. ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ଲେଖ । (୫x୨=୧୦)

(i) ମୟୂର କାହାକୁ ଚାହିଁ ନୃତ୍ୟ କରେ ?

(ii) ବର୍ଷରେ କେତୋଟି ଋତୁ ଆସେ ? ଗ୍ରୀଷ୍ମଋତୁ ପରେ କେଉଁ ଋତୁ ଆସେ ?

(iii) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(iv) ସକାଳ ହେବାରୁ କେଉଁ କେଉଁ ପକ୍ଷୀ ରାବିଲେ ?

(v) ଶ୍ରୀକୃଷ୍ଣ କେଉଁ କାରଣରୁ ପଥଶ୍ରମ ପାଇ ଅଧିକ ସମୟ ଶୋଇଯାଇଛନ୍ତି ?

(vi) ଗୋପାଳ ବାଳକମାନେ କ'ଣ କହି ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଇଛନ୍ତି ?

୮. ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ଲେଖ । (୫x୨=୧୦)

(i) ଗରିବ ବାଳକଟିର ବେଶଭୂଷା କିପରି ଥିଲା ?

(ii) ଲେଖକଙ୍କ ମତରେ ଆମେରିକାରେ ସବୁଠୁ ଭଲ କଥାଟି କ'ଣ ?

(iii) ମର୍ଗାନ୍ କାହିଁକି ଲେଖକଙ୍କ ପାଖରେ କ୍ଷମା ମାଗିଲେ ?

(iv) ସଭର୍‌କର୍ ବନ୍ଦୀ ହେବାର କାରଣ କ'ଣ ?

(v) ଆଣ୍ଡାମାନରେ କଏଦୀମାନଙ୍କୁ କିପରି ଦଣ୍ଡଭୋଗ କରିବାକୁ ପଡୁଥିଲା ?

(vi) ଲେଖକ ପିଲାଟିକୁ କିପରି ସାହାଯ୍ୟ କଲେ ?

୯. ଠିକ ଉତ୍ତରଟିକୁ ବାଛି ଲେଖ । (୫x୧=୫)

(କ) ବ୍ରହ୍ମଚାରୀ ମୁଇଁର ଘର କେଉଁଠି ଥିଲା ?

(i) ସମ୍ବଲପୁର (ii) ପାରଳାଖେମୁଣ୍ଡି (iii) ଖଲ୍ଲିକୋଟ (iv) କଟକ

(ଖ) ବର୍ଷା କବିତାଟି ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ଆନୀତ ?

(i) ଏକାଦଶ (ii) ଦଶମ (iii) ଅଷ୍ଟମ (iv) ସପ୍ତମ

(ଗ) ସଭର୍‌କର୍‌ଙ୍କ ମାତାଙ୍କ ନାମ କ'ଣ ?

(i) ରାଧା ବାଈ (ii) ଯଶୋଦା (iii) ମୋତି ବାଈ (iv) ରମାଦେବୀ

(ଘ) ସଭର୍କର୍ ଗଢ଼ିଥିବା ଦଳର ନାମ କ'ଣ ଥିଲା ?

(i) ମିତ୍ର ସଂଘ (ii) ମିତ୍ରମେଳା (iii) ମିତ୍ରସେନା (iv) ଆଜାଦ୍ ହିନ୍ଦ୍ ଫୌଜ

(ଙ) 'ପ୍ରଭାତ ଅବକାଶ' କବିତାର କବିଙ୍କ ନାମ କ'ଣ ?

(i) ଜଗନ୍ନାଥ ଦାସ (ii) ବନମାଳୀ ଦାସ (iii) ଗୋପବନ୍ଧୁ ଦାସ (iv) ରମାଦେବୀ

୧୦. ବିଚାରକ ଭାବରେ କାଜିଙ୍କର ନିରପେକ୍ଷତା ଓ ଶାସକ ଭାବେ ଗିଆସୁଦ୍ଦିନ୍‌ଙ୍କର ମହନୀୟତା ସମ୍ପର୍କରେ ବର୍ଣ୍ଣନା କର । (୧x୫=୫)

***********